## ପେସାଦାର ଲୁଟେରା ମାନସ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ):** ବଡଗଡ ଥାନା ପୋଲିସ ଗୁରୁବାର ଜଣେ ଲୁଟେରାଙ୍କୁ ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ନାଗେଶ୍ୱର ଟାଙ୍ଗି ଭୋଇସାହିର ମାନସ ନାୟକ ଓରଫ ଗଲୁଆ(୨୬)। ତାଙ୍କଠାରୁ ଚୋରା ମୋବାଇଲ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ମାନସଙ୍କୁ ବିଚାର ବିଭାଗୀୟ ହାଜତରୁ ପଠାଇ ଦିଆଯାଇଛି। ମାନସ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ବଡଗଡ ଥାନାରେ ୭ଟି, ଲିଙ୍ଗରାଜ ଓ କଟକ ଟାଙ୍ଗି ଥାନାରେ ଗୋଟିଏ ଲେଖାଏ ଆପରାଧିକ ମାମଲା ରହିଛି। ତାଙ୍କ ବିରୋଧରେ ଧାରା ସିଆର୍‌ପିସି-୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

**ଭୁବନେଶ୍ୱର**

- ୨୨ତମ ଆଇଏସ୍‌ଟିଇ ଓଡ଼ିଶା ବିଭାଗ ଛାତ୍ରୀଛାତ୍ର ସମ୍ମିଳନୀ, ସ୍ୱାମୀ ବିବେକାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୯ଟା ୩୦।
- ଏମ୍‌ବିସି ଟିଭିର ବାର୍ଷିକ ଉତ୍ସବ, କ୍ରାଉନ କ୍ରିଷ୍ଟାଲ କନ୍‌ଭେନ୍‌ସନ୍, ଇନ୍‌ଫୋସିଟି ରୋଡ, ପଟିଆ, ପୂର୍ବାହ୍ନ ୧୦ଟା ୩୦।
- 'ଦିବ୍ୟ ଦିଗନ୍ତ'ର ସ୍ୱନକ୍ଷତ୍ର ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଏକଲବ୍ୟ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ରାମଲୀଳାର ଶେଷ ନାଟକ 'ରାବଣ ବଧ' ଓ ବାଣଯାତ୍ରା, ବେଣୁପୁର ରାମଲୀଳା ପଡିଆ, ରାତି ୮ଟା।

**କଟକ**

- ଶୈଳବାଳା ମହିଳା ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା ।
- ଖ୍ୟାତନାମା ଲେଖିକା ବୀଣାପାଣି ମହାନ୍ତିଙ୍କ ପାଇଁ ପ୍ରାର୍ଥନା ସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦ ।

# ଉତ୍କଳ ଗୌରବ ସଂଗ୍ରହାଳୟ ଲୋକାର୍ପିତ

## ସତ୍ୟଭାମାପୁର ଓଡ଼ିଆଙ୍କ ପାଇଁ ତୀର୍ଥ କ୍ଷେତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ବ୍ୟୁରୋ)/ ସାଲେପୁର, ୨୮।୪ (ଡି.ଏନ.ଏ.)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସନ୍ଧ୍ୟାରେ ଭିଡିଓ କନ୍ଫରେନ୍ସିଂ ଜରିଆରେ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଠାରେ 'ଉତ୍କଳ ଗୌରବ ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର' ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ମଧୁ ବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ଜୀବନୀ ହେଉଛି ଓଡ଼ିଆ ସ୍ୱାଭିମାନର ଗୌରବମୟ ଗାଥା। ସତ୍ୟଭାମାପୁର ସବୁ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ କ୍ଷେତ୍ର। ଏହି ସଂଗ୍ରହାଳୟ ସମସ୍ତଙ୍କୁ ବିଶେଷ କରି ଯୁବ ପିଢିଙ୍କୁ ଓଡିଆ ସ୍ୱାଭିମାନର ସୁରକ୍ଷା ପାଇଁ ପ୍ରେରଣା ଦେଇ ଚାଲିବ। ସତ୍ୟଭାମାପୁରକୁ ଏକ ଆଦର୍ଶ ଗ୍ରାମ ରୂପେ ବିକାଶ କରାଯାଉଛି। ଏହି ଗ୍ରାମକୁ ଏକ ଗୁରୁତ୍ୱ ପୂର୍ଣ୍ଣ ପର୍ଯ୍ୟଟନସ୍ଥଳ ଭାବରେ ପରିଣତ କରିବା ପାଇଁ ସରକାରଙ୍କ ପଦକ୍ଷେପ ଜାରି ରହିବ।

ମଧୁବାବୁଙ୍କ ଆଦର୍ଶରେ ଓଡିଶାକୁ ଶ୍ରେଷ୍ଠ ରାଜ୍ୟ କରିବାପାଇଁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମଧୁବାବୁଙ୍କ ଜାତି ପ୍ରୀତି ଓ ତ୍ୟାଗର ତୁଳନା ନାହିଁ। ତାଙ୍କ ପାଇଁ ଓଡ଼ିଆ ସ୍ୱାଭିମାନ ଥିଲା ସବୁଠୁ ଉପରେ। ତା ସହ ସେ କେବେବି ସାଲିସ କରିନାହାନ୍ତି। ଏ ଜାତି ପାଇଁ ତାଙ୍କର ଅବଦାନ ତାଙ୍କୁ ଓଡ଼ିଆଙ୍କ ହୃଦୟରେ ଯୁଗ ଯୁଗ ପାଇଁ ଅମର କରି ରଖିବ।

ଓଡିଶାକୁ ମଧୁବାବୁଙ୍କ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଭାଷାକୁ ଭିତ୍ତିକରି ରାଜ୍ୟ ଗଠନ ପାଇଁ ମଧୁ ବାବୁଙ୍କ ଉଦ୍ୟମ, ତାଙ୍କର ଦୂରଦୃଷ୍ଟିର ପରିଚୟ ଦିଏ। ସ୍ୱାଧୀନତା ପରେ ଭାଷା ସୂତ୍ରରେ ହିଁ ଭାରତର ଅନେକ ରାଜ୍ୟ ଗଠିତ ହୋଇଛି। କିନ୍ତୁ ସେତେବେଳେ ଓଡିଶା ଥିଲା ଭାଷା ଭିତ୍ତିରେ ଭାରତର ପ୍ରଥମ ରାଜ୍ୟ। କାର୍ଯ୍ୟକ୍ରମରେ ଯୋଗ ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ ମଧୁ ବାବୁ ଥିଲେ ଓଡ଼ିଆ ଜାତିର ପୁରୋଧା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସତ୍ୟଭାମାପୁର ଗାଁର ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି।

ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସତ୍ୟଭାମାପୁର ମଧୁସୂଦନ ସାଂସ୍କୃତିକ ସଂଘର ସଭାପତି ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଉତ୍କଳ ଗୌରବ ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର ସଂପର୍କରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହି ସଂଗ୍ରହାଳୟରେ ମଧୁବାବୁଙ୍କ ଅନ୍ତୁଡ଼ିଶାଳ, ପିଲା ଦିନର ବିରଳ ଫଟୋ, ଜନ୍ମ ଜାତକ, ଢ଼ିଙ୍କି ଆଦି ବିଭିନ୍ନ ବିରଳ ଜିନିଷ ସ୍ଥାନ ପାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଉତ୍କଳ ଗୌରବ ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର'କୁ ଲୋକାର୍ପଣ କରୁଛନ୍ତି।

## ଏମ୍ସକୁ ଡେପୁଟେଶନରେ ଗଲେ ନିର୍‌ତାର୍ ପ୍ରଶାସନିକ ଉପନିର୍ଦ୍ଦେଶକ

**କଣ୍ଟାପଡା,୨୮।୪(ଡି.ଏନ୍.ଏ.):** କଟକ ଜିଲା ଓଲଟପୁରଠାରେ ଥିବା ଏସ୍‌ଭି ନିର୍‌ତାର୍ ଦିବ୍ୟାଙ୍ଗ ଗବେଷଣା ଓ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ଡେପୁଟେଶନରେ ପଠାଯାଇଛି। ନିର୍‌ତାର୍‌ର ପ୍ରଶାସନିକ ଉପନିର୍ଦ୍ଦେଶକ ଭାବେ ସେଠୀ ପ୍ରାୟ ୬ବର୍ଷ ଧରି କାର୍ଯ୍ୟ କରି ଆସିଥିଲେ। ତାଙ୍କ ସମୟରେ ନିର୍‌ତାର୍‌ର ପ୍ରଶାସନିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହେବା ସହ ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ସେ ସହକର୍ମୀମାନଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ସ୍ଥାନରେ ନିର୍‌ତାର୍‌ର ବରିଷ୍ଠ ଡା. ପବିତ୍ର ମୋହନ ସାହୁ ଶୁକ୍ରବାରଠାରୁ ଏହି ଦାୟିତ୍ୱ ତୁଲାଇବେ। ନିର୍‌ତାର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଗୁରୁବାର ସେଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




ବିଶ୍ୱ ନୃତ୍ୟ ଦିବସ ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ଶିଳ୍ପୀ ନିକୁଞ୍ଜ ନାଏକ ତିଆରି କରିଥିବା ବାଲୁକା କଳା।

## ବ୍ରାଉନସୁଗାର ମାଫିଆ ଅନିରୁଦ୍ଧଙ୍କ ସମ୍ପତ୍ତି ଜବତ

ପୁରୀ ଅଫିସ,୨୮।୪

ବ୍ରାଉନସୁଗାର ମାଫିଆ ଅନିରୁଦ୍ଧ ଜୟସିଂହଙ୍କ ୯୫ ଲକ୍ଷ ଟଙ୍କାର ବେଆଇନ ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି। ଏ ସମ୍ପର୍କରେ କୋଲକାତାସ୍ଥିତ ନାର୍କୋଟିକ୍ ବିଭାଗକୁ ଅବଗତ କରାଯାଇଛି। ଗଡ଼ିଶାଗଡା ଥାନା ଅଧୀନ ସୁନାଖଳା ଗ୍ରାମର ଅନିରୁଦ୍ଧ ପୁରୀକୁ କାର୍‌ରେ ବ୍ରାଉନସୁଗାର ଚାଲାଣ କରୁଥିବାବେଳେ ବାସେଳୀ ସାହି ଥାନା ପୋଲିସ ହାତରେ ଧରାପଡିଥିଲେ। ତାଙ୍କଠାରୁ ୧.୩୯୨ କେଜି ବ୍ରାଉନସୁଗାର ଜବତ ପରେ ତାଙ୍କୁ ଗିରଫ କରାଯାଇଥିଲା। ବ୍ରାଉନସୁଗାର ବିକ୍ରିରୁ ହୋଇଥିବା ବେଆଇନ ଆୟ ତାଲିକାରେ ୨ଟି ଜେସିବି, ଟ୍ରାକ୍ଟର, ସୁନାରୁପା ଅଳଙ୍କାର, କାର୍, ହାର୍ଡୱେର ଗୋଦାମକୁ ପୋଲିସ ଜବତ କରିଥିଲା। ପୁରୀ ଅତିରିକ୍ତ ଏସ୍‌ପି ମହିରି ପଣ୍ଡା କହିଛନ୍ତି, ବାସେଳୀ ସାହି ଥାନାରେ ଅନିରୁଦ୍ଧଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଜବତ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଅନୁମତି ମିଳିବା ପରେ ସିଜ୍ ଅର୍ଡରରେ ମୋହର ବାଜିଛି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସତ୍ୟ



@ ପ୍ରଦୀପ



@ ଦେବବ୍ରତ



@ ଦେବାଶିଷ



@ ସ୍ନେହାଶିଷ



@ ଅମୀୟ

# ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାରେ ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଓଡ଼ିଶାର ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ପରିଚୟ ସ୍ଥାପନ କରିଥିଲେ ମଧୁସୂଦନ ଦାସ। ନାରୀଶିକ୍ଷା ଓ ନାରୀ ଜାଗରଣ, ଓଡ଼ିଶାର ହସ୍ତଶିଳ୍ପ ଓ ସ୍ୱଦେଶୀ କାରିଗରି ଜରିଆରେ ଅର୍ଥନୀତିର ଉନ୍ନତି ସହ ଓଡ଼ିଆ ସ୍ୱାଭିମାନର ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କ ଅବଦାନ ଅବିସ୍ମରଣୀୟ ଥିଲା। ଓଡ଼ିଆ ଜାତି ଚିରଦିନ ତାଙ୍କ ପାଖରେ କୃତଜ୍ଞ ହୋଇ ରହିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଗୁରୁବାର ସୂଚନା ଭବନରେ ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।



ସମାରୋହରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରଘୁନନ୍ଦନ ଦାସ ଓ ଅନ୍ୟମାନେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଅଧ୍ୟକ୍ଷତା କରି କହିଲେ, ମଧୁବାବୁ ଓଡ଼ିଆ ସ୍ୱାଭିମାନ ଓ ଆତ୍ମ ପରିଚିତିର କୀର୍ତ୍ତିମାନ ପୁରୁଷ । ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ଶ୍ୱେତସ୍ନିଗ୍ଧା ମିଶ୍ର କହିଲେ, ମଧୁବାବୁଙ୍କ ବ୍ୟକ୍ତିତ୍ୱ ଆହୁରି ଅନେକ ପିଢ଼ିଙ୍କୁ ପ୍ରେରଣାର ଆଲୋକ ପ୍ରଦାନ କରୁଥିବ । 'ଓଡ଼ିଶା ରିଭ୍ୟୁ' ଓ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି ଓ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଉତ୍କଳଗୌରବଙ୍କ ଜୀବନୀ ଓ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଥାକାର ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ବିଜୟ ନାୟକ କହିଲେ, ମଧୁବାବୁ କର୍ମପ୍ରବଣତା ଓ ସୃଜନଶୀଳତା ଜରିଆରେ ସ୍ଥାନୀୟ ଆକାଂକ୍ଷାଗୁଡ଼ିକୁ ସାମଗ୍ରିକ ରୂପ ଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନର ଆନ୍ଦୋଳନକୁ ସଶକ୍ତ କରିଥିଲେ। ସେ ଥିଲେ ସ୍ୱପ୍ନଦ୍ରଷ୍ଟା ଓ ଏକାଧିକ ଅଭିନବ ଉନ୍ମେଷର ଜନକ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ ଏକ ସ୍ୱତନ୍ତ୍ର, ସ୍ୱାବଲମ୍ବୀ ଏବଂ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ମଧୁବାବୁଙ୍କ ତ୍ୟାଗ ହିଁ ବୁଦ୍ଧିମତ୍ତା ଓ ସାଧୁତା ଉପରେ ପର୍ଯ୍ୟବସିତ ଥିଲା ବୋଲି କହିଥିଲେ । ସୂଚନା ଅଧିକାରୀ ପ୍ରମିଳା ମାଝୀ ସଂଯୋଜନା ଓ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ଓ ସହଯୋଗୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା ।

**ରାଜନୈତିକ ହିଂସା**

## ସରପଞ୍ଚଙ୍କ ସମେତ ୨ ଗୁରୁତର

ନିଆଳି, ୨୮।୪(ଡି.ଏନ୍.ଏ.)

ନିଆଳି ଥାନା ଅନ୍ତର୍ଗତ ଏକବେରୁଆଁ ପଞ୍ଚାୟତର ନାଟି ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ସରପଞ୍ଚଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ବୁଧବାର ରାସ୍ତାକାମକୁ ନେଇ ଛକାପଞ୍ଝା ଲାଗି ରହିଥିଲା। ବିଳମ୍ବିତ ରାତିରେ ଏହାକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ୪ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସରପଞ୍ଚ ପ୍ରଶାନ୍ତ ସ୍ୱାଇଁ ଓ ଅପରପକ୍ଷର ବିଶ୍ୱନାଥ ସ୍ୱାଇଁଙ୍କୁ ଗୁରୁତର ଅବସ୍ଥାରେ ଜଗତ୍‌ସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ନିଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସରପଞ୍ଚଙ୍କ ପକ୍ଷରୁ ତାଙ୍କ ବାପା ଦୁର୍ଯ୍ୟୋଧନ ସ୍ୱାଇଁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୯/୨୨) ରୁଜୁ କରିଛି। ସେହିପରି ଅପରପକ୍ଷର ବିଶ୍ୱନାଥଙ୍କ ସ୍ୱାଇଁଙ୍କ ସ୍ତ୍ରୀ ପିଙ୍କିଲତା ଅଭିଯୋଗ କରିବା ପରେ ପୋଲିସ ଆଉଏକ ମାମଲା(ନଂ.୧୮୦/୨୨) ରୁଜୁ କରିଛି। ଏ ସମ୍ପର୍କରେ ଥାନାଧିକାରୀ ବିଜୟ କୁମାର ମଲ୍ଲିକ କହିଛନ୍ତି, ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ୨ଟି ମାମଲା ରୁଜୁ ହୋଇଛି। ଘଟଣା ପରେ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ।



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଗୁରୁବାର ରାଜଭବନ ସମ୍ମୁଖ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।



ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଆଦିବାସୀ ମେଳାର ଗୁରୁବାର ସନ୍ଧ୍ୟାରେ କଳାହାଣ୍ଡିର କଳାକାରମାନେ ଆଦିବାସୀ ନୃତ୍ୟ 'ଧାପ' ପରିବେଷଣ କରୁଛନ୍ତି।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ ଉତ୍ସବର ଗୁରୁବାର ସନ୍ଧ୍ୟାରେ ପରିବେଷିତ ନାଟକ 'କ୍ରାନ୍ତି ପୁରୁଷ'ର ଏକ ଦୃଶ୍ୟ।

